# Akashvani, Sambalpur

## SAMBALPURI NEWS EVENING BULLETIN

**25 May 2025- 7.02 pm- 7.12 pm.**

*************************************************

୧- ଅପରେସନ୍ ସିନ୍ଦୁର୍ ବଦ୍‌ଲୁଥିବା ଭାରତ୍‌ର ପ୍ରତିଛବି ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସହେତେ ଭାବ୍ ବିନିମୟ ଅବ୍‌ସରେ ଓଡ଼ିଶାର୍ ଭାରୋତଲନକାରୀ ହର୍ଷବର୍ଦ୍ଧନ୍ ସାହୁଙ୍କୁ କଲେ ପ୍ରଶଂସା ।

୨- ନୂଆଦିଲ୍ଲୀ ଠାନେ ଏନ୍‌ଡିଏ ଶାସିତ୍ ରାଜ୍ୟମାନ୍‌କର୍ ମୁଖ୍ୟମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀଙ୍କର୍ ହେଇଛେ ବୈଠକ୍ ।

- ୨ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ପାରିତ୍ ବାବ୍‌ଦେ ସୂଚ୍‌ନା ଦେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ।

ଆଉର୍

୩- ସମ୍ବଲ୍‌ପୁର୍ ଚିଡ଼ିଆଖାନା ହେବା ରାଜ୍ୟର୍ ୨ ନମ୍ବର୍ ନନ୍ଦନ୍‌କାନନ୍ କହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

ମନ୍ କି ବାତ୍ ଏନ୍ଏସ୍ଡି

ଅପରେସନ୍ ସିନ୍ଦୁର୍ ଖାଲି ଗୁଟେ ସାମରିକ୍ ଅଭିଯାନ୍ ନାଇଁଥିଲା, ଇଟା ବଦ୍ଲୁଥିବା ଭାରତ୍ର ଗୁଟେ ପ୍ରତିଛବି ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ର ଶହେ ୨୨ ନମ୍ବର୍ ସଂସ୍କରଣ୍ଥି ଦେଶ୍ବାସୀଙ୍କୁ ସମ୍ବୋଧନ୍ କରିକରି ଶ୍ରୀ ମୋଦୀ କହିଛନ୍, ଅପରେସନ୍ ସିନ୍ଦୁର୍ ସାରା ପୁର୍ଥି ନ ଆତଙ୍କବାଦ୍ ବିରୋଧ୍ଥି ଲଢ଼୍ବାର୍ ଲାଗି ନୂଆଁ ଉତ୍ସାହ ଆଉ ଆତ୍ମବିଶ୍ୱାସ୍ ଦେଇଛେ । ପ୍ରଧାନ୍ମନ୍ତ୍ରୀ ଅପରେସନ୍ ସିନ୍ଦୁର୍ ସମିଆଥି ସଶସ୍ତ୍ର ବାହିନୀ ଦେଖେଇଥିବା ବୀରତ୍ୱର୍ ପ୍ରଶଂସା କରିଛନ୍ । ସାରା ଦେଶ୍ ଆତଙ୍କବାଦ୍ ବିରୋଧ୍ ଲଢ଼େଇଥି ଏକ୍ଜୁଟ୍ ଆଉ ଆତଙ୍କବାଦୀମାନ୍କୁ ମୁଲୁ ସଫା କର୍ବାର୍ ଲାଗି ସଂକଳ୍ପବଦ୍ଧ ଆନ୍ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ଅପରେସନ୍ ସିନ୍ଦୁର୍)

ଅପରେସନ୍ ସିନ୍ଦୁର୍ର ସଫଳତା ଉତ୍ରୁ ଦେଶର୍ ସବୁ ଛୋଟ୍ ବଡ଼ ସହର୍ ଆଉ ଗାଁ ନ ତ୍ରିରଙ୍ଗା ଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ଦେଶେ ସଶସ୍ତ୍ର ବାହିନୀକେ ସମ୍ମାନ୍ ଜନାବାର୍ ଉଦ୍ଦେଶ୍ଥି ହଜାର୍ ହଜାର୍ ଲୋକ୍ ତ୍ରିରଙ୍ଗା ଧରିକରି ଇ ଯାତ୍ରାଥି ସାମିଲ୍ ହେଇଥିଲେ । କେତେଟା ସହରେ ବହୁତ୍ ସଂଖ୍ୟାଥି

ୟୁଆନ୍ ପିଲାମାନେ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ଭାବେ ଏକ୍‌ଠାନିଆ ହେଇଥିଲେ ।

ଭାରତୀୟ ସେନା ଅଦମ୍ୟ ସାହସ୍ ସହେତେ ଦେଶେ ତିଆର୍ ହେଇଥିବା ଅସ୍ତ୍ରଶସ୍ତ୍ର, ଉପକରଣ୍ ଆଉ ପ୍ରଯୁକ୍ତିବିଦ୍ୟା ବେଭାର୍ କରିକରି ଆତଙ୍କି ଶିବିର୍ ମାନ୍‌କୁ ଧ୍ୱଂସ କରିଥିଲା, ଯେନ୍‌ଟା ଆତ୍ମନିର୍ଭର୍ ଭାରତ୍‌ର ସଂକଳ୍ପକେ ଦେଖଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଭାରତ୍ ନ ତିଆର୍ ହେଇଥିବା ଖେଲ୍‌ନା ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ମା' ବାପା ମାନ୍‌କୁ ଛୁଆମାନ୍‌କର୍ ଲାଗି ଦେଶେ ତିଆର୍ ହଉଥିବା ଖେଲ୍‌ନା ଘିନ୍‌ବାର୍ ଲାଗି ପ୍ରୋତ୍ସାହିତ୍ କରାଯିବା । ସବୁ ଲୋକ୍‌ମାନ୍‌କୁ ଦେଶେ ତିଆର୍ ହଉଥିବା ଦରବ୍‌କେ ଘିନ୍‌ବାର୍ ଲାଗି ପ୍ରାଥମିକତା ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇଟା ଦେଶର୍ ଅର୍ଥନୀତିକେ ଆହୁରି ବର୍‌କସ୍ କର୍‌ବା ।

୧୦ ଆଉ ୧୨ କ୍ଲାସ୍ ପରୀକ୍ଷାଥି ନକ୍ସଲ୍ ପ୍ରଭାବିତ୍ ଦନ୍ତେୱାଡ଼ା ଜିଲ୍ଲାର୍ ଛାତ୍ରଛାତ୍ରୀମାନ୍‌କର୍ ସଫଲତା ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଖୁସି ଜାହିର୍ କରିଛନ୍ । ଗୁଜୁରାତ୍‌ର ଗିର୍ ଠାନେ ସିଂହମାନ୍‌କର୍ ସଂଖ୍ୟା ବୃଦ୍ଧି ବାବ୍‌ଦେ ଉଲ୍ଲେଖ କରିକରି ଗଲା ୫ ବଛର୍ ଭିତ୍‌ରେ ଇ ସଂଖ୍ୟା ୬ ଶହ ୭୪ ନୁ ୮ ଶହ ୯୧ କେ ପୁହୁଁଚିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଆଏବା ୨୧ ତାରିଖ୍ ଦିନ ଆନ୍ତର୍ଜାତିକ୍ ଯୋଗ ଦିବସ୍ ପାଲନ୍ କରାଯିବା । ଯୋଗକେ ନିଜର୍ ସବୁଦିନିଆ ଜୀବନ୍‌ଥି ସାମିଲ୍ କର୍‌ବାର୍‌କେ ସମ୍‌କୁ ଇ ଦିବସ୍ ସୋର୍ ପକେଇଦେସି ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ଯୋଗ ଦିବସ୍)

ଖେଲୋ ଇଣ୍ଡିଆ କ୍ରୀଡ଼ାଥି ଭଲ୍ ପ୍ରଦର୍ଶନ୍ କରିଥିବା ଖେଲାଲିମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ଅଭିନନ୍ଦନ୍ ଜନେଇଛନ୍ । ଭାରୋତଲନ୍ ପ୍ରତିଯୋଗିତାଥି ଓଡ଼ିଶାର୍ ହର୍ଷବର୍ଦ୍ଧନ୍ ସାହୁ, ମହାରାଷ୍ଟ୍ରର୍ ଅସ୍ମିତା ଧୋନ୍ ଆର୍ ଉତର୍‌ପ୍ରଦେଶ୍‌ର ତୁଷାର୍ ଚୌଧୁରୀଙ୍କର୍ ପ୍ରଦର୍ଶନ୍‌କେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ ।

ପି.ଏମ୍. ଏନ୍‌ଡିଏ ଗଭର୍ଣ୍ଣାନ୍ସ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ଠାନେ ଜାତୀୟ ଗଣତାନ୍ତ୍ରିକ ମେଂଟ ଏନ୍‌ଡିଏ ଶାସିତ୍ ରାଜ୍ୟ ମାନ୍‌କର୍ ମୁଖ୍ୟମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀଙ୍କର୍ ବୈଠକ୍ ଶେଷ୍ ହେଇଛେ । ବୈଠକ୍‌ଥି ୨ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଅପରେସନ୍ ସିନ୍ଦୁର୍ ଆଉ ଜାତିଗତ ଜନଗଣନା ପାରିତ୍ ହେଇଛେ ବଲି କେନ୍ଦ୍ରମନ୍ତ୍ରୀ ଆଉ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

ଜେ.ପି. ନଡ୍ଡା ସୂଚ୍ନା ଦେଇଛନ୍ । ସୁଶାସନ୍ ପ୍ରସଙ୍ଗ ଉପ୍ରେ ଆଧାରିତ୍ ଇ ଦିନ୍କିଆ ବୈଠକ୍ଥି ୨୦ ଟା ଏନ୍ଡିଏ ଶାସିତ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆଉ ୧୮ ଝନ୍ ଉପମୁଖ୍ୟମନ୍ତ୍ରୀ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ଥି ଓଡ଼ିଶାର୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ରାଜ୍ୟର୍ ବିକାଶ୍ ଲାଗି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍ଦେ ଜନେଇଥିଲେ । ଇ ଅବ୍ସରେ ସୁଶାସନ୍, ସମାବେଶୀ ବିକାଶ୍ ଆଉ ରାଜ୍ୟ ମାନ୍କର୍ ଉଲ୍ଲେଖନୀୟ ପଦକ୍ଷେପ୍ ବାବ୍ଦେ ବିସ୍ତୃତ୍ ଆଲୋଚନା ହେଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍ନା ଦେଇଛନ୍ ।

ଭିଜନ୍ ଡକ୍ୟୁମେଂଟ୍ ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଏଜେ ବିଜେପି ନେତୃତ୍ୱାଧୀନ୍ ସର୍କାର୍କେ ଆଏବା ମାସ ୧୨ ତାରିଖ୍ ବଛ୍ରେ ପୁରୁଛେ । ଇ ଅବ୍ସରେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ଓଡ଼ିଶା ଭିଜନ୍ ଡକ୍ୟୁମେଂଟ୍ -୨୦୩୬ ଉନ୍ମୋଚିତ୍ ହେବା । ନୀତି ଆୟୋଗ୍ ପରିଚାଳନା ପରିଷଦ୍ ବୈଠକ୍ଥି ଗଲାକାଏଲ୍ ଇ ବାବ୍ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍ନା ଦେଇଛନ୍ । ବିକଶିତ୍ ଓଡ଼ିଶା ଗଠନ୍

ଲାଗି ରାଜ୍ୟ ସର୍‌କାର୍ ଭିଜନ୍ ଡକ୍ୟୁମେଂଟ୍ ତିଆର୍ କରିଛନ୍ । ଇଥିର୍‌ଲାଗି ଅନ୍‌ଲାଇନ୍ ଜରିଏ ୩ ଲାଖ୍ ୨୦ ହଜାର୍ ଲୁକ୍‌କର୍ ମତାମତ୍ ନିଆଯାଇଛେ ।

ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ- ଖାସ୍ ସଂଖ୍ୟା I&PR

ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ 'ଉତ୍କଳ ପ୍ରସଙ୍ଗ' ଆଉ 'ଓଡ଼ିଶା ରିଭ୍ୟୁ'ର ଖାସ୍ ସଂଖ୍ୟା ବାହାର୍‌ବା । ଇଥି ଗଲା ବଛ୍‌ରେ ଭିତ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ସହେତେ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପ ଆଉ ସଫଲତାର୍ କାହାନୀ ଥିବା ଲେଖା ମାନ୍ ବାହାର୍‌ବା । ଇଥିର୍‌ଲାଗି ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ସାଧାରଣ୍ ଲୁକ୍‌କର୍‌ନୁ ଲେଖା ଆହ୍ୱାନ୍ କରାଯାଇଛେ । ଇଚ୍ଛୁକ ବ୍ୟକ୍ତିମାନେ ବିଭାଗ୍‌ର ଇ-ମେଲ୍ ଆଇଡି ଜୁନ୍ ୨ ତାରିଖ୍‌ତକ୍ ପଠାବାର୍‌କେ ବିଭାଗ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ସମ୍ବଲପୁର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଗସ୍ତଥି ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକାର୍ ପୋତାପାଲି ଠାନେ ଶ୍ରୀକୃଷ୍ଣ ଗୋଶାଲାର୍ ନୂଆଁ କରି ତିଆର୍ ହେଉଥିବାର୍ ପ୍ରକଳ୍ପର୍ ଭୂମିପୂଜା କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଇ ଗୋଶାଲା ବହୁତ୍ ପୁର୍‌ନା ହେଇଥିବାର୍ ବେଲେ ଇତାର୍ ଆହୁରି ବିକାଶ୍ କରାଯିବା । ଇତାର୍ ଆଘାନୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସମ୍ବଲ୍‌ପୁର୍ ଚିଡ଼ିଆଖାନା ପ୍ରାଣୀ ଆଉ ଉଦ୍ଭିଦ ଉଦ୍ୟାନ୍ ବୁଲି ଦେଖିବାର୍ ସହେତେ ସାଧାରଣ୍ ଲୁକ୍‌କର୍ ସାଙ୍ଗେ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇତାର୍‌ଛଡ଼ା ଆଏବା ୩ ମାସ୍ ଭିତ୍‌ରେ ସମ୍ବଲ୍‌ପୁରକେ ସବୁଜ ସହର୍ କର୍‌ବାର୍ ଲାଗି ୧ ଲାଖିନୁ ଅଏତ୍‌କା ଚାରା ଲଗାଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଇତାର୍‌ସହେତେ ଆଏବା ମାସ ୫ ତାରିଖ୍ ବିଶ୍ୱ ପରିବେଶ୍ ଦିବସ୍‌ନୁ ଜୁଲାଇ ଆଉ ଅଗଷ୍ଟ ମାସ୍‌ତକ୍ ଚାରାରୋପଣ୍‌କେ ଜନ ଆନ୍ଦୋଳନ୍‌ଥି ପରିଣତ୍ କରାଯିବା ବଲି କେନ୍ଦ୍ରମନ୍ତ୍ରୀ ଜୋର୍ ଦେଇଛନ୍ ।

ସେନ୍ତା ସମ୍ବଲ୍‌ପୁର୍ ସହରର୍ ଦୁର୍ଗାପାଲି ଠାନେ ରେଲ୍‌ୱେ ଓଭର୍‌ବ୍ରିଜ୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଉଦ୍‌ଘାଟନ୍ କରିଛନ୍ ।

୬୦ କୋଟି ୪୩ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଇ ବ୍ରିଜ୍‌ଥି ସାଧାରଣ୍ ଲୁକ୍‌କର୍ ଯା'ଆସ୍ ଲାଗି ସୁବିଧା ହେବା । ଆଏବା ଦିନେ ସମ୍ବଲ୍‌ପୁର୍‌କେ ବିକଶିତ୍ କରାଯିବାର୍ ସହେତେ ବୃହତ୍ ମହାନଗର୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍- ପୁରୀ ଏନ୍‌ଏସ୍‌ଡି

ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ଶୀର୍ଷକ୍ ଗୁଟେ ଜାତୀୟ କାର୍ଯ୍ୟକ୍ରମ୍ ଆଏବା ୨୯ ତାରିଖ୍ ପୁରୀ ନ ମୁଲ୍ ହେବା ବଲି କେନ୍ଦ୍ର କୃଷି ଆଉ କୃଷକ୍ ସଶକ୍ତିକରଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ କହିଛନ୍ । ଦେଶର୍ ୭ ଶହ ଟା ଜିଲ୍ଲା ନ ଇଥିର୍‌ଲାଗି ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା । କୃଷି ବିଶେଷଜ୍ଞ ଆଉ ବୈଜ୍ଞାନିକ୍‌ମାନ୍‌କୁ ନେଇକରି ଗଠନ୍ ହେଇଥିବା ଦଲ୍ ଭିନ୍ ଭିନ୍ ଗାଁ ଯାଇକରି ଚାଷୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ମନ୍ତ୍ରୀ ଶ୍ରୀ ଚୌହାନ୍ କହିଛନ୍ ।

ଏଏସ୍ଆଇ-ପୁରୀ ଶ୍ରୀମନ୍ଦିର୍          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ସଂରକ୍ଷଣ୍ ଆଉ ମରାମତି ବାବ୍‌ଦେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ସଂସ୍ଥାନ୍ - ଏଏସ୍ଆଇର ମହାନିର୍ଦ୍ଦେଶକ୍ ଡକ୍ଟର୍ ୟଦୁବୀର୍ ସିଂ ରାୱତ୍‌ଙ୍କର୍ ସହେତେ ଗୁଟେ ବୈଠକ୍ ହେଇୟାଇଛେ । ରଥୟାତ୍ରା ସମିଆଥି ଶ୍ରୀମନ୍ଦିର୍ ପରିସର୍ ଆଉ ଗର୍ଭଗୃହର୍ ଦର୍‌କାରୀ ସଂରକ୍ଷଣ୍ ସହେତେ ରତ୍ନଭଣ୍ଡାର୍‌ର ବାକିଥିବା ମରାମତି କାମ୍ ପୁରା କରାୟିବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ପାରଲା ମହାରାଜ-ଶ୍ରାଦ୍ଧଦିବସ୍          I&PR

ପାରଲା ମହାରାଜ୍ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜ୍ ନାରାୟଣଦେବଙ୍କର୍ ଶ୍ରାଦ୍ଧଦିବସ୍ ଆଏଜ୍ ବିଧାନ୍‌ସଭା ପରିସର୍ ନ ପାଲିତ୍ ହେଇୟାଇଛେ । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ ୟୋଗ୍ ଦେଇକରି ମହାରାଜ୍‌ଙ୍କର୍ ପ୍ରତିମୂର୍ତ୍ତିଥି ମାଲ୍ୟାର୍ପଣ୍ କରିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ୱାର୍ଲ୍ଡ ଥାଇରଏଡ୍ ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ଥାଇରଏଡ୍ ରୋଗ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟରେ ଆଏଜ୍ ପାଲନ୍ ହେଉଛେ ବିଶ୍ୱ ଥାଇରଏଡ୍ ଦିବସ୍ । ଇ ରୋଗ୍‌ର କାରଣ୍, ପ୍ରଭାବ୍ ଆଉ ଇତାର୍ ନିରାକରଣ୍ ବାବ୍‌ଦେ ଲୁକ୍‌କୁ ଅଏତ୍‌କା ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ । ଶରୀର୍‌ଥି ଥାଇରଏଡ୍ ଗ୍ରନ୍ଥୀର୍ ଆକାର୍ ଛୋଟ୍ ହେଇଥିଲେ ଭିଲ୍ ଜୀବନ୍‌ଶୈଲୀଥି ଇତାର୍ ଭୂମିକା ବହୁତ୍ ଜରୁରୀ ଆଏ । ଇ ଦିବସ୍ ପାଲନ୍ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜିତ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୭ ଦିନ୍‌ତକ୍ ଧୁକାଗର୍ଡ଼ି ସାଙ୍ଗେ ଜବର୍ ବର୍ଷାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ଲାଗି ନୂଆପଡ଼ା, କଳାହାଣ୍ଡି ସହେତେ ରାଜ୍ୟର୍ ୧୬ ଟା ଜିଲ୍ଲା ଲାଗି ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ବୌଦ୍ଧ, ସୁବର୍ଣ୍ଣପୁର୍, ବଲାଙ୍ଗିର୍ ସହେତେ ୧୪ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ହାଲ୍‌କା ବର୍ଷା ହେଇପାରେ ।